## ନବଜାତ ଶିଶୁର ମୃତଦେହ ଜବତ

**ଛେଣ୍ଡିପଦା,(ସ୍ୱ.ପ୍ର.):** ଛେଣ୍ଡିପଦା ଥାନା ଟାଙ୍ଗିର ପଞ୍ଚାୟତ ପୁରୁଣାଗଡ ଗ୍ରାମ ନିକଟସ୍ଥ ନାଳରୁ ପୋଲିସ ଏକ ନବଜାତ ଶିଶୁ ମୃତଦେହ ଜବତ କରିଛି। ରବିବାର ସ୍ଥାନୀୟ ଲୋକେ ନାଳରେ ମୃତଦେହ ଭାସୁଥିବା ଦେଖି ବାଗଡିଆ ଫାଣ୍ଡିକୁ ସୂଚନା ଦେଇଥିଲେ। ଫାଣ୍ଡି ଅଧିକାରୀ ଆଶିଷ କୁମାର ଦାଶ ପହଞ୍ଚି ତଦନ୍ତ କରିଛନ୍ତି।



## ସଂକ୍ଷେପରେ

### ୨୨୬ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୧୩।୬:** ଅନୁଗୋଳ ଜିଲାରୁ ରବିବାର ୨୨୬ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୩୮ ହଜାର ୪୨୦ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧରେ ବଣଁରପାଳ ବ୍ଲକରୁ ସର୍ବାଧିକ ୩୨ଜଣ, ଛେଣ୍ଡିପଦା ବ୍ଲକରୁ ୨୫, କିଶୋରନଗର ବ୍ଲକରୁ ୨୪, ଅନୁଗୋଳ ବ୍ଲକରୁ ୨୩, ତାଳଚେର ବ୍ଲକରୁ ୨୨, ଆଠମଲ୍ଲିକ ବ୍ଲକରୁ ୨୧, ପାଲଲହଡ଼ା ବ୍ଲକରୁ ୨୦, ଅନୁଗୋଳ ପୌରାଞ୍ଚଳରୁ ୧୮, କଣିହାଁ ବ୍ଲକରୁ ୧୬, ତାଳଚେର ପୌରାଞ୍ଚଳରୁ ୧୪ ଓ ଆଠମଲ୍ଲିକ ଏନ୍ଏସିରୁ ୧୧ ଜଣ ରହିଛନ୍ତି। ଲକ୍ଷଣଯୁକ୍ତ ସଂକ୍ରମିତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ କରୋନା ୱାର୍ଡ ଓ ୧୦୬ ଜଣଙ୍କୁ ତାଳଚେର କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷରେ ଜିଲାରୁ ଦିନକରେ ୩୮୪ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ସେହିପରି ଜିଲାରୁ କରୋନରେ ୩ ଜଣଙ୍କ ମୃତ ହୋଇଥିବାରୁ ମୋଟ୍ ମୃତକଙ୍କ ସଂଖ୍ୟା ୧୫୫ରେ ପହଞ୍ଚିଥିବା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### ଜମିବାଡ଼ି ବିବାଦରୁ ଖଣ୍ଡଯୁଦ୍ଧ: ଜଣେ ମୃତ

**କଣିହାଁ,୧୩।୬(ଡି.ଏନ.ଏ.):** କଣିହାଁ ବ୍ଲକ ରେଙ୍ଗାଳି ଥାନା ବାଲିପଶି ପଞ୍ଚାୟତ ସଂସାମରା ଗ୍ରାମରେ ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଦୁଇ ପରିବାର ଭିତରେ ଶନିବାର ରାତିରେ ଖଣ୍ଡଯୁଦ୍ଧ ହୋଇଛି। ଏଥିରେ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି। ଉଭୟେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ରେଙ୍ଗାଳି ଥାନା ଆଇଆଇସି ସରୋଜକାନ୍ତ ସାମଲ କହିଛନ୍ତି, ସଂସାମରା ଗ୍ରାମର ପ୍ରଶାନ୍ତ ସାହୁ ଓ ତାଙ୍କ ଭାଇ ଦିଲୀପ ସାହୁଙ୍କ ସହିତ ପଡ଼ୋଶୀ ଶ୍ରୀନିବାସ ସାହୁ (୬୫)ଙ୍କ ମଧରେ ଜମିବାଡ଼ି ବିବାଦ ଲାଗି ରହିଥିଲା। ଶନିବାର ରାତିରେ ଉଭୟ ପରିବାର ଭିତରେ ଗଣ୍ଡଗୋଳ ଉଗ୍ରରୂପ ନେଇଥିଲା। ଏଥିରେ ଶ୍ରୀନିବାସ, ଭାଇ ବିପ୍ରବର ଏବଂ ଭଣଜା ମନୋଜ ଗୁରୁତର ହୋଇଥିଲେ। ସମସ୍ତଙ୍କୁ ଅନୁଗୋଳ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ରବିବାର ଚିକିତ୍ସାଧୀନ ଅବସ୍ଥାରେ ଶ୍ରୀନିବାସଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ବଡ଼ଭାଇ ବିପିନ ସାହୁଙ୍କ ଅଭିଯୋଗକ୍ରମେ ଅଭିଯୁକ୍ତ ପ୍ରଶାନ୍ତ ଓ ଦିଲୀପଙ୍କୁ ପୋଲିସ ଗିରଫ କରିଛି। ଆକ୍ରମଣରେ ବ୍ୟବହୃତ ଠେଙ୍ଗା, ଶାବଳ ଜବତ କରାଯାଇଛି। ଏହି ଘଟଣାରେ ଅନ୍ୟ କେତେଜଣଙ୍କ ସମ୍ପୃକ୍ତି ରହିଛି। ପୋଲିସ ଘଟଣାର ତଦନ୍ତ କରୁଥିବା ଥାନାଧିକାରୀ ସୂଚନା ଦେଇଛନ୍ତି।

### ବାଇକ୍ ଦୁର୍ଘଟଣାରେ ଜଣେ ମୃତ

**ଅନୁଗୋଳ ଅଫିସ, ୧୩।୬:** ଅନୁଗୋଳ ସଦର ଥାନା କୁଇଓ ଠାରେ ୨ଟି ବାଇକ୍ ମଧରେ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ଶାକସିଙ୍ଗା ଅଞ୍ଚଳର ଦୁଷ୍ମନ୍ତ ବେହେରା(୩୫)। ଏ ନେଇ ସଦର ଥାନାରେ ମାମଲା ରୁଜୁ ହୋଇଛି। ପ୍ରକାଶ ଯେ, ଦୁଷ୍ମନ୍ତ ଅନୁଗୋଳରୁ ନତଡ଼ା ରାସ୍ତାରେ ବାଇକ୍‌ରେ ଯାଉଥିବା ବେଳେ ପଛରେ ଅନ୍ୟ ଏକ ବାଇକ୍‌ରେ ଆସୁଥିବା କଣିହାଁ ଥାନା କୁମୁଣ୍ଡା ଗ୍ରାମର ସିପୁନ୍ ବେହେରା ତାଙ୍କୁ ଧକ୍କା ଦେଇଥିଲେ। ଦୁଷ୍ମନ୍ତ ଗାଡ଼ିରୁ ପ୍ରାୟ ୧୦ ଫୁଟ ଦୂରକୁ ଛିଟିକି ପଡ଼ିଥିଲେ। ତାଙ୍କୁ ପ୍ରଥମେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ଡାକ୍ତର କଟକ ବଡ଼ ମେଡିକାଲ ସ୍ଥାନାନ୍ତରିତ କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଦୁଷ୍ମନ୍ତଙ୍କ ମୃତ୍ୟୁ ହୋଇଥିବା ସଦର ଥାନା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏସ୍ଆଇ ତୁଷାରକାନ୍ତ ମହାନ୍ତି ତଦନ୍ତ ଚଳାଇଛନ୍ତି।

### ଅନ୍ତରଙ୍ଗ ମୁହୂର୍ତ୍ତ ଫଟୋ ଭାଇରାଲ, ପ୍ରେମିକ ଗିରଫ

**ଛେଣ୍ଡିପଦା, ୧୩।୬(ସ୍ୱ.ପ୍ର):** ସୋସିଆଲ ମିଡିଆରେ ପ୍ରେମିକାଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଭାଇରାଲ କରିବା ଅଭିଯୋଗରେ ଛେଣ୍ଡିପଦା ପୋଲିସ ବାଗଡିଆ ଫାଣ୍ଡି ଅଞ୍ଚଳର ଶଶାଙ୍କ ଶେଖର ସାହୁଙ୍କୁ ଗିରଫ କରିଛି। ପୋଲିସ କହିଛି, ଛେଣ୍ଡିପଦା ଅଞ୍ଚଳର ଶଶାଙ୍କର ଜଣେ ଯୁବତୀଙ୍କ ସହିତ ପ୍ରେମସମ୍ପର୍କ ଥିଲା। କୌଣସି କାରଣରୁ ଉଭୟଙ୍କ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିଲା। ଉତ୍ୟକ୍ତ ହୋଇ ଶଶାଙ୍କ ଯୁବତୀଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ସୋସିଆଲ ମିଡିଆରେ ପ୍ରଘଟ କରିଦେଇଥିଲେ। ଯୁବତୀଙ୍କ ପରିବାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ କୋଲକାତାରୁ ଅଭିଯୁକ୍ତ ଶଶାଙ୍କଙ୍କୁ ଗିରଫ କରିଛି।

# ମୁଖ୍ୟ ଚାଷକୁ ଫେରିବ ମାଣ୍ଡିଆ

- ଅନୁଗୋଳରେ କାର୍ଯ୍ୟକାରୀ ହେବ ମିଲେଟ ମିଶନ
- ଚାଉଳ ଚାହିଦା ପାଇଁ ଖେତରୁ ଦୂରେଇ ଯାଇଥିଲା
- ପ୍ରଥମ ବର୍ଷ ୫ ବ୍ଲକର ୧୦୦୦ ହେକ୍ଟରରେ ହେବ ଚାଷ

**ଅନୁଗୋଳ ଅଫିସ, ୧୩।୬**
**ଅମିତ କୁମାର ସାମଲ**



ଅନୁଗୋଳ ଜିଲାରେ ମାଣ୍ଡିଆ ଚାଷ ସମ୍ପର୍କରେ ଚାଷୀମାନଙ୍କ ସହ ଆଲୋଚନା କରାଯାଉଛି।

ଅନୁଗୋଳ ଜିଲାର ଖେତକୁ ଫେରିବ ମାଣ୍ଡିଆ। ମୁଖ୍ୟ ଚାଷରେ ପୁଣି ଯୋଡ଼ିହେବ ଏହି ଫସଲ। ଚାଉଳ ପରି ଏହାର ଚାହିଦା ବଢୁଥିବାରୁ ଆବଶ୍ୟକ ପ୍ରୋତ୍ସାହନ ଦେବ ଜିଲା ପ୍ରଶାସନ। ଓଡ଼ିଶା ସରକାର ଏଥିପାଇଁ ଅନୁମତି ଦେଇ ସାରିଛନ୍ତି। ଚାଷୀଙ୍କ ତାଲିମ ପ୍ରକ୍ରିୟା ମଧ ଆରମ୍ଭ ହୋଇସାରିଛି। ୫ ବର୍ଷିଆ ଯୋଜନାର ପ୍ରଥମ ବର୍ଷରେ ୫ଟି ବ୍ଲକର ଏକ ହଜାର ହେକ୍ଟର ଜମିରେ ମାଣ୍ଡିଆ ଚାଷ କରାଯିବାର ଲକ୍ଷ୍ୟ ରଖାଯାଇଛି। ଜିଲାର ୨୯୦୬ ଜଣ ଚାଷୀଙ୍କ ପାଇଁ କର୍ଣାଟକରୁ ବିହନ ଅଣାଯିବାର ବ୍ୟବସ୍ଥା ହୋଇଛି। ଜିଲା ଖଣିଜ ପ୍ରତିଷ୍ଠାନ ସମସ୍ତ ଆର୍ଥିକ ସହାୟତା ଯୋଗାଇ ଦେବ। ଅମଳ ପରେ ଫସଲ ବିକ୍ରି ଦାୟିତ୍ୱ ଜିଲା ପ୍ରଶାସନ ନେବ। ତେଣୁ ଅନୁଗୋଳରେ ମିଲେଟ ମିଶନ ସଫଳତା ପାଇବାର ଆଶା ଉଜ୍ଜ୍ୱଳ ଥିବା ସୂଚନା ମିଳିଛି।

ଅନୁଗୋଳ ଜିଲାରେ ମାଣ୍ଡିଆ ଚାଷ ନୂଆ ନୁହେଁ। ୩୫ ବର୍ଷ ପୂର୍ବରୁ ଏହି ଗଡ଼ଜାତ ଅଞ୍ଚଳ ମିଲେଟ୍ ବେଲ୍ଟ ଭାବେ ଜଣାଶୁଣା ଥିଲା। ହେଲେ ସବୁଜ ବିପ୍ଳବ ସମୟରେ ଧାନକୁ ପ୍ରାଧାନ୍ୟ ଦିଆଯିବାରୁ ମାଣ୍ଡିଆ ଧୀରେ ଧୀରେ ଏଠାକାର ଚାଷୀଙ୍କ ଖେତରୁ ଦୂରେଇ ଯାଇଥିଲା। ଏବେ ମାଣ୍ଡିଆ ପ୍ରତି ପୁଣି ଚାହିଦା ବଢୁଥିବା ଦେଖି ଅନୁଗୋଳ ଜିଲାରେ ଏହି ଚାଷ ପାଇଁ ପ୍ରଶାସନ ଅଣ୍ଟା ଭିଡ଼ିଛି। ଜିଲା ଖଣିଜ ପ୍ରତିଷ୍ଠାନ ଓ ଜିଲା ପ୍ରଶାସନ ପକ୍ଷରୁ ଏଥିପାଇଁ ଓଡ଼ିଶା ସରକାରଙ୍କଠାରୁ ଆବଶ୍ୟକ ଅନୁମତି ଅଣାଯାଇସାରିଛି। ଜିଲାରେ ଏକ ପାଇଲଟ୍ ଷ୍ଟଡି ଓ ଚାଷୀଙ୍କ ଉତ୍ସାହ ଦେଖିବା ପରେ ୫ ବର୍ଷରେ ୩ ହଜାର ହେକ୍ଟରରେ ଚାଷ ପାଇଁ ଯୋଜନା କରାଯାଇଛି। ପ୍ରଥମ ବର୍ଷ ଖରିଫ ବେଳେ ୫ଟି ବ୍ଲକ ଅନୁଗୋଳ, ଆଠମଲ୍ଲିକ, କିଶୋରନଗର, ଛେଣ୍ଡିପଦା ଓ ପାଲଲହଡ଼ାର ୧୯୦ ହେକ୍ଟର ଲେଖାଏ ଜମିରେ ମାଣ୍ଡିଆ କରାଯିବ। ରବିବେଳେ ଅନ୍ୟ ୧୦ ଏକର ଲେଖାଏରେ ସୁଆଁ, କାଙ୍ଗୁ, ବାଜରା ପରୀକ୍ଷାମୂଳକ ଭାବେ ଚାଷ ହେବ। ଯଦି କାଙ୍ଗୁ, ସୁଆଁ ଓ ବାଜରାକୁ ସଫଳତା ମିଳେ ତା'ହେଲେ ଆସନ୍ତାବର୍ଷରେ ମାଣ୍ଡିଆ ସହ ମୁଖ୍ୟ ଫସଲରେ ଏହାକୁ ଯୋଡ଼ାଯିବ। ପାଲଲହଡ଼ାର ୨ଟି ପଞ୍ଚାୟତରେ ଏବେ ବି ମାଣ୍ଡିଆ ଚାଷ ହେଉଛି। ତେଣୁ ଜିଲାରେ ଏହି ମିଲେଟ୍ ମିସନ୍ ସଫଳତା ପାଇବାରେ ଅସୁବିଧା ରହିବ ନାହିଁ। ଆଗାମୀ ଦିନରେ ଅନ୍ୟ ୩ ବ୍ଲକରେ ମାଣ୍ଡିଆ ଚାଷ କରାଯିବ। ଅମଳ ପରେ ଚାଷୀମାନେ ୨୫ ପ୍ରତିଶତ ନିଜ ଖାଇବା ପାଇଁ ରଖିବେ। ଅବଶିଷ୍ଟ ୭୫ ପ୍ରତିଶତ ମାଣ୍ଡିଆ ପ୍ରଶାସନ ଜରିଆରେ ବିକ୍ରି ହେବ। ସ୍ୱୟଂ ସହାୟକ ଗୋଷ୍ଠୀ ମାଧମରେ ମାଣ୍ଡିଆ ଚୂନା, କେକ୍, ଲଡ୍ଡୁ, ବିସ୍କୁଟ ଆଦି ପ୍ରସ୍ତୁତ କରାଯାଇ ସହର ଓ ଗ୍ରାମାଞ୍ଚଳରେ ବିକ୍ରି କରାଯିବ। ସ୍କୁଲ ଓ ଅଙ୍ଗନୱାଡ଼ି ଖାଦ୍ୟ ତାଲିକାରେ ଏହାକୁ ସାମିଲ କରାଯିବ। ଆଗ୍ରହୀ ଚାଷୀଙ୍କ ନିକଟରେ ଏହି ଚାଷ ପହଞ୍ଚାଇବା ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ଜିଲା ମୁଖ୍ୟ କୃଷି ଅଧିକାରୀ ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର ଡେଭଲପ୍‌ମେଣ୍ଟ ଷ୍ଟଡିଜ୍ ଓ ୱାସନ୍ ଏନ୍‌ଜିଓ ସଂସ୍ଥା ସହ ଜାନୁୟାରୀ ମାସରେ ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି। ଏହି ଚାଷକୁ କିଭଳି ବୀମାଭୁକ୍ତ କରାଯିବ ସେ ନେଇ ବିଚାରବିମର୍ଶ ଜାରି ରହିଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

| ବ୍ଲକ | ଚାଷୀ ସଂଖ୍ୟା | ଖେତ ପରିମାଣ(ହେକ୍ଟର) |
|---|---|---|
| ଅନୁଗୋଳ | ୬୭୧ | ୨୦୦ |
| ଆଠମଲ୍ଲିକ | ୪୨୦ | ୨୦୦ |
| କିଶୋରନଗର | ୨୧୦ | ୨୦୦ |
| ଛେଣ୍ଡିପଦା | ୫୮୫ | ୨୦୦ |
| ପାଲଲହଡ଼ା | ୭୨୦ | ୨୦୦ |
| ମୋଟ୍ ୫ ବ୍ଲକ | ୨,୯୦୬ ଚାଷୀ | ୧,୦୦୦ ହେକ୍ଟର |

### ବିକ୍ରି ନ ହେବାରୁ ଚାଷ ଛାଡ଼ିଥିଲି



"ପୂର୍ବରୁ ମାଣ୍ଡିଆ ଚାଷ କରୁଥିଲି। କିନ୍ତୁ ଚାହିଦା କମିବାରୁ ବିକ୍ରି ହେଲା ନାହିଁ। ରୋଗପୋକ ଓ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ କ୍ଷତି ସହିବାକୁ ପଡ଼ିଲା। ସରକାରୀ ପ୍ରୋତ୍ସାହନ ନ ମିଳିବାରୁ ଏହି ଚାଷରୁ ଦୂରେଇ ଗଲି। ଏବେ ଜିଲା ପ୍ରଶାସନ ପ୍ରୋତ୍ସାହନ ସହ ବିକ୍ରି ଦାୟିତ୍ୱ ନେବ ବୋଲି କହୁଥିବାରୁ ଏହାକୁ ସ୍ୱାଗତ କରୁଛି।

**–ବୀର ନାୟକ, ଚାଷୀ, କିଶୋରନଗର**

### ଚାହିଦା ବଢୁଥିବାରୁ ଚାଷ କରିବୁ



"ପୂର୍ବରୁ ମାଣ୍ଡିଆ ଭଲ ବିକ୍ରି ହେଉ ନ ଥିଲା। ସାମାଜିକ ଦୃଷ୍ଟି କୋଣରୁ ଏହା ସେତେବେଳେ ଗରିବ ଲୋକଙ୍କ ଖାଦ୍ୟ ବୋଲି କୁହାଯାଉଥିଲା। ଏବେ ବିଭିନ୍ନ ଔଷଧୀୟ କାର୍ଯ୍ୟରେ ମାଣ୍ଡିଆ ଲାଗୁଥିବାରୁ ଚାହିଦା ବଢ଼ିଛି। ତେଣୁ ଅତୀତରେ ହରାଇଥିବା ମାଣ୍ଡିଆ ଚାଷକୁ ଆମେମାନେ ଖେତରେ ଫେରିପାଇବୁ।

**–ଫକୀର ମହାନ୍ତ, ଚାଷୀ, ପାଲଲହଡ଼ା**

### ନୀରୋଗ ରହିବାକୁ ମାଣ୍ଡିଆ ପ୍ରତି ଆଗ୍ରହ



"ମାଣ୍ଡିଆର ଉପକାରିତା ଅତୀତରେ ଲୋକମାନେ ବୁଝି ପାରି ନ ଥିଲେ। ସେଥିପାଇଁ ତାହାକୁ ଆଦର କରୁ ନ ଥିଲେ। ଏବେ ଧାନ ଓ ପରିବା ଚାଷରେ ଅଧିକ ସାର, ଔଷଧର ପ୍ରୟୋଗ ଯୋଗୁ ଲୋକଙ୍କ ସ୍ୱାସ୍ଥ୍ୟହାନି ହେଉଛି। ତେଣୁ ନୀରୋଗ ଶରୀର ପାଇଁ ମାଣ୍ଡିଆ, ସୁଆଁ, କାଙ୍ଗୁ, ବାଜରା ଖାଇବାକୁ ଆଗ୍ରହ ବଢୁଛି।

**–ହରମୋହନ ସାହୁ, ଚାଷୀ, ଛେଣ୍ଡିପଦା**

### ସହଯୋଗ ମିଳିଲେ ଚାଷୀ ଆଗେଇ ଆସିବେ



"ଘରେ ଖାଇବା ପାଇଁ ଦୀର୍ଘ ଦିନ ହେବ ମାଣ୍ଡିଆ ଚାଷ କରୁଛି। ପୂର୍ବ ଭଳି ଆଉ ଭଲ କିସମର ବିହନ ମିଳୁନି। ଏବେ ଟାଇଁସି ଅଞ୍ଚଳର ୨୦ରୁ ୨୫ ଜଣ ଏହି ଚାଷ କରୁଛନ୍ତି। ପ୍ରଶାସନର ସହଯୋଗ ରହିଲେ ଜିଲାର ବହୁ ଚାଷୀ ଏଥିପାଇଁ ଆଗେଇ ଆସିବେ। ଉନ୍ନତ ବିହନ ମିଳିଲେ ଅମଳ ଭଲ ହେବ।

**–ଅର୍ଜୁନ ସାହୁ, ଚାଷୀ, ଅନୁଗୋଳ**

### ନୂଆ ପଦ୍ଧତିରେ ହେବ ଚାଷ



"ବିଗତ ଦିନରେ ପାରମ୍ପରିକ ପଦ୍ଧତିରେ ମାଣ୍ଡିଆ ଚାଷ କରୁଥିଲୁ। ଏବେ ସଘନ ପଦ୍ଧତିରେ ଚାଷ ହେବ। ଏହାଦ୍ୱାରା ଅମଳ ଭଲ ହେବ। ପ୍ରଶାସନ ବିକ୍ରି ପାଇଁ ସୁବିଧା କରିବ ବୋଲି କହୁଥିବାରୁ ଆଉ ଅସୁବିଧା ରହିବ ନାହିଁ। ମାଣ୍ଡିଆ ଖାଇବାକୁ ଏବେ ଡାକ୍ତରମାନେ ମଧ ପରାମର୍ଶ ଦେଉଛନ୍ତି।

**–ଲକ୍ଷ୍ମୀ ନାୟକ, ଚାଷୀ, ଆଠମଲ୍ଲିକ**

### ସର୍ଭେ ସମୟରେ ଉତ୍ସାହ ଦେଖାଗଲା



"ଦୀର୍ଘ ବର୍ଷ ପରେ ଲୋକମାନେ ମାଣ୍ଡିଆର ଗୁରୁତ୍ୱ ବୁଝିଛନ୍ତି। ସେଥିପାଇଁ ଜିଲାରେ ବହୁ ପରିମାଣରେ ମାଣ୍ଡିଆ ଚାଷ କରାଯିବ। ଏହାକୁ ନେଇ ପ୍ରଥମେ ଦ୍ୱନ୍ଦ୍ୱ ରହିଥିଲା। ସର୍ଭେ ସମୟରେ ଚାଷୀଙ୍କ ମଧରେ ଉତ୍ସାହ ଦେଖିବାକୁ ମିଳିଲା। ଏହି ଚାଷ ବାବଦ ଖର୍ଚ୍ଚ ଜିଲା ଖଣିଜ ପ୍ରତିଷ୍ଠାନ ବହନ କରିବ।

**–ପ୍ରିୟଙ୍କା ମହାନ୍ତି, ଜୀବନ ଜୀବିକା ଏକ୍ସପର୍ଟ, ଡିଏମ୍ଏଫ୍**

### ସଫଳତା ପାଇଁ ଉଦ୍ୟମ ଜାରି ରହିଛି



"ଜିଲାରେ କିଭଳି ଭାବେ ମିଲେଟ ମିଶନ୍ କାର୍ଯ୍ୟ କରିବ ସେ ନେଇ ଏକ ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ୱାସନ୍ ସହ ଚୁକ୍ତି ହେବା ପରେ ଫସିଲେଟିଙ୍ଗ ଏନ୍‌ଜିଓକୁ ମଧ ଏହି କାର୍ଯ୍ୟରେ ନିୟୋଜିତ କରାଯାଇଛି। ଏମାନେ ପ୍ରତି ବ୍ଲକରେ ଚାଷୀଙ୍କ ସହ ଭଲମନ୍ଦ ଆଲୋଚନା କରିବେ। ୱାସନ ନିକଟରୁ ପାଇଥିବା ପ୍ରଶିକ୍ଷଣ ଚାଷୀଙ୍କୁ ଦେବେ।

**–ଦେବରାଜ ମହାନ୍ତି, ଜିଲା ମୁଖ୍ୟ କୃଷି ଅଧିକାରୀ, ଅନୁଗୋଳ**

# ସ୍ୱାସ୍ଥ୍ୟକେନ୍ଦ୍ରରେ ସୁଇପର ନିଯୁକ୍ତି ଦାବି

**ବଇଣ୍ଡା,୧୩।୬(ଡି.ଏନ.ଏ.)**



ଡାକ୍ତରଖାନା ମଧରେ ଅଳିଆ ପଡ଼ିରହିଛି।

କିଶୋରନଗର ବ୍ଲକ ବଇଣ୍ଡା ଡାକ୍ତରଖାନାରେ ସୁଇପର ନ ଥିବାରୁ ସଫେଇ କାର୍ଯ୍ୟ ଠିକ୍ ଭାବେ ହୋଇପାରୁନାହିଁ। କରୋନା ମହାମାରୀ ସମୟରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ଅପରିଷ୍କାର ହୋଇପଡୁଛି। ଏହାକୁ ନେଇ ରୋଗୀ ଓ ସମ୍ପର୍କୀୟଙ୍କ ମଧରେ ଅସନ୍ତୋଷ ସୃଷ୍ଟି ହୋଇଛି। ତୁରନ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ସୁଇପରଙ୍କୁ ନିଯୁକ୍ତି ଦେବାକୁ ଅଞ୍ଚଳବାସୀ ଶନିବାର ଅନୁଗୋଳ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।

ଗ୍ରାମବାସୀ କହିଛନ୍ତି, ବଇଣ୍ଡା ଡାକ୍ତରଖାନା ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ସ୍ୱାସ୍ଥ୍ୟସେବା ଯୋଗାଇ ଦେବାରେ ଅବହେଳା କରାଯାଉଛି। ସୁଇପର ନ ଥିବା ସଫେଇ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏଠାରେ ନିୟୋଜିତ ସୁଇପର ବାବୁଲା ଗୋଛାୟତଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ସେ ଏପ୍ରିଲ ୬ରୁ ଡାକ୍ତରଖାନାକୁ ଆସୁନାହାନ୍ତି। ଅସ୍ଥାୟୀ ଭାବେ ଜଣେ ମହିଳା ଝାଡୁ କରୁଥିବାବେଳେ ସେ ମଧ କିଛିଦିନ ହେଲା ଆସୁନାହାନ୍ତି। ଉକ୍ତ ଡାକ୍ତରଖାନା ଉପରେ ନୁନୁକାପଶି, ଗାଁ ବଇଣ୍ଡା, କଣ୍ଟେଇକୋଳିଆ, ଜାମୁନାଳି, ଲୁହାମୁଣ୍ଡା ପଞ୍ଚାୟତର ରୋଗୀ ନିର୍ଭର କରୁଥିବାବେଳେ ପରିମଳ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି। ତେଣୁ ତୁରନ୍ତ ଏଠାରେ ଜଣେ ସୁଇପର ନିଯୁକ୍ତି କରିବାକୁ ସରପଞ୍ଚ ଜଳଧର ସାହୁ, ରମାକାନ୍ତ ବେହେରା, ମହେଶ ଶାହା, ପ୍ରତାପ ପ୍ରଧାନ, ଉଗ୍ରସେନ ସେଠୀ, ଗିରିଶ ଚନ୍ଦ୍ର ସାହୁ ପ୍ରମୁଖ ଦାବି କରିଛନ୍ତି। ଏ ନେଇ ବଇଣ୍ଡା ଡାକ୍ତରଖାନାର ଆୟୁଷ ଡାକ୍ତର ସରୋଜ କୁମାର ନନ୍ଦ କହିଛନ୍ତି, ସୁଇପର ନ ଥିବା ଯୋଗୁ ଅସୁବିଧା ସୃଷ୍ଟି ହେଉଛି। ସୁଇପର ନିଯୁକ୍ତି ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରାଯାଇଛି।

# ଠକିନେଲେ ୭୦ ହଜାର ଟଙ୍କା

**ଅନୁଗୋଳ ଅଫିସ, ୧୩।୬**

ଅନୁଗୋଳରେ ପୁଣି ସାଇବର ଠକେଇ ହୋଇଛି। ତୁରଙ୍ଗ ଅଞ୍ଚଳରେ ଜଣେ ଯୁବକ ରବିବାର ଏପରି ଠକେଇର ଶିକାର ହୋଇଛନ୍ତି। ସାଇବର ଠକମାନେ ତାଙ୍କ ଆକାଉଣ୍ଟରୁ ୬୯ ହଜାର ୫ଶହ ଟଙ୍କା ନେଇଯାଇଥିବା ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ନଂ. ୩୦୮/୨୧ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ତୁରଙ୍ଗରେ ରହୁଥିବା ମୟୂରଭଞ୍ଜ ଜିଲା କପ୍ତିପଦା ଅଞ୍ଚଳର ଯୁବକଙ୍କ ମୋବାଇଲକୁ ଏକ ଅଜଣା ନମ୍ବରରୁ କଲ ଆସିଥିଲା। ମୋବାଇଲ ବନ୍ଦ ହୋଇଯିବ ବୋଲି ଠକ ଜଣକ ଯୁବକଙ୍କୁ କହିଥିଲେ। ତେଣୁ ଏକ ଆପ୍ ଡାଉନଲୋଡ ସହ ୧୦ ଟଙ୍କା ରିଚାର୍ଜ କରିବାକୁ ପରାମର୍ଶ ଦେଇଥିଲେ। ଯୁବକ ଜଣକ ସେପରି କରିବାରୁ ପ୍ରଥମେ ତାଙ୍କ ଆକାଉଣ୍ଟରୁ ୨୫ ହଜାର ଟଙ୍କା କଟିଯାଇଥିଲା। ଏହାପରେ ଅନ୍ୟ ଦୁଇଟି ଆକାଉଣ୍ଟରୁ ୨୫ ହଜାର, ୧୭ ହଜାର ଓ ଅଢ଼େଇ ହଜାର ଟଙ୍କା କଟିଥିଲା। ମୋଟ ୩ଟି ଆକାଉଣ୍ଟରୁ ୬୯ ହଜାର ୫ଶହ ଟଙ୍କା ସାଇବର ଠକ କାଟି ନେଇଥିବା ଅଭିଯୋଗରେ ଦର୍ଶାଯାଇଛି।

# ପବିତ୍ରମୋହନଙ୍କ ସ୍ମୃତିଚାରଣ



ପବିତ୍ର ମୋହନ ପ୍ରଧାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଅତିଥି ଓ ଅନ୍ୟମାନେ।

**ତାଳଚେର/କଣିହାଁ, ୧୩।୬(ଡି.ଏନ.ଏ.)**

ଗଡ଼ଜାତ ଆନ୍ଦୋଳନର ମୁଖ୍ୟ ପୁରୋଧା ତଥା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ପୁଣ୍ୟତିଥି ରବିବାର ପାଳିତ ହୋଇଯାଇଛି। 'ଆମ ପ୍ରତିଭା ଆମ ପରିଚୟ' ଅନୁଷ୍ଠାନ ପକ୍ଷରୁ ତାଳଚେର ପବିତ୍ର ମୋହନ ଛକ ନିକଟ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଏମ୍‌ପି ମହେଶ ସାହୁ, ଅନ୍ୟତମ ଅତିଥି ଭାବେ ଗବେଷକ ଡ. ମହେଶ୍ୱର ପ୍ରଧାନ, ସଙ୍ଗଠନ ସଭାପତି ରମେଶ ଚନ୍ଦ୍ର ବେହେରା, ସାମାଜିକ କର୍ମୀ ବାନାମ୍ବର ଭୂତିଆ, ମନୋଜ ମହାପାତ୍ର, ବିଚିତ୍ରା ଦାସ, ତପନ ମହାରଣା, ଜିତେନ୍ଦ୍ର ମହାପାତ୍ର, ରାଜୀବ ରାଉତ, ନିର୍ମଳ ସାହୁ, ପ୍ରକାଶ ସାହୁ, ଶ୍ରମିକ ନେତା ସୁବାସ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ତାଳଚେର ନଗର ବିଜେଡି ପକ୍ଷରୁ ବିଧାୟକ ବ୍ରଜକିଶୋର ପ୍ରଧାନ ମାଲ୍ୟାର୍ପଣ କରିଥିଲେ। ସେହିପରି କଣିହାଁସ୍ଥିତ ପବିତ୍ରମୋହନ ହାଇସ୍କୁଲଠାରେ ବିଧାୟକ ପ୍ରଧାନ, ପ୍ରଧାନ ଶିକ୍ଷକ ଦାଶରଥି ଜେନା, ସାହିତ୍ୟିକ ସିଦ୍ଧିପ୍ରସାଦ ସାହୁ, ବିନାୟକ ପ୍ରଧାନ, ପୂର୍ବତନ ବ୍ଲକ ଅଧକ୍ଷା ମଞ୍ଜୁଲତା ପ୍ରଧାନ, ସୁଧାକର ପ୍ରଧାନ ପ୍ରମୁଖ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସ୍ମୃତିଚାରଣ କରିଥିଲେ।

# ୧୮୦ ଘନଫୁଟ କାଠ ଜବତ



ଜବତ ଶାଗୁଆନ କାଠ।

**କାମାକ୍ଷାନଗର, ୧୩।୬(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ ଅନ୍ତର୍ଗତ ଡୁମୁସିଙ୍ଗା ଗ୍ରାମରେ ରବିବାର ବନ ବିଭାଗ ଚଢ଼ାଉ କରି ୧୮୦ ଘନଫୁଟ ଶାଗୁଆନ କାଠ ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ୩ ଲକ୍ଷ ୬୦ ହଜାର ଟଙ୍କା ହେବ ବୋଲି ବନ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଗ୍ରାମରେ ଶାଗୁଆନ କାଠ ଗଦା ହୋଇ ରହିଥିବା ସୂଚନା ପାଇ ଡିଏଫ୍‌ଓ ପ୍ରକାଶଚାନ୍ଦ ଗୋଗିନେନିଙ୍କ ନିର୍ଦ୍ଦେଶରେ ପଶ୍ଚିମାଞ୍ଚଳ ରେଞ୍ଜ ଅଧିକାରୀ ବିଭୂଦାନନ୍ଦ ମିଶ୍ର, ଢେଙ୍କାନାଳ ମୋବାଇଲ ସ୍କ୍ୱାଡ୍, ଅଁଳାବେରେଣୀ ବନ କର୍ମଚାରୀ ମିଳିତ ଭାବେ ଚଢ଼ାଉ କରିଥିଲେ। ଘଟଣାରେ କାହାରିକୁ ଗିରଫ କରାଯାଇନାହିଁ। ଜବତ କାଠ ଅଁଳାବେରେଣୀ ବନ କାର୍ଯ୍ୟାଳୟକୁ ଅଣାଯାଇଛି। ଏତେ ପରିମାଣର କାଠ ଗ୍ରାମକୁ କେମିତି ଆସିଲା ଏବଂ ଏହା ପଛରେ କାହା ହାତ ରହିଛି ସେ ନେଇ ବନ ବିଭାଗ ପକ୍ଷରୁ ଖୋଳତାଡ଼ ଆରମ୍ଭ ହୋଇଛି।

# ସାମିଲ ହେଲା ସଦର ପେଟ୍ରୋଲ ପମ୍ପ

**ପାଲଲହଡା,୧୩।୬(ଡି.ଏନ.ଏ.)**

## ବିନା ମୂଲ୍ୟରେ ଅକ୍ସିଜେନ ଯୋଗାଣ ବ୍ୟବସ୍ଥା



ପାଲଲହଡ଼ା ସଦରରେ ଥିବା ମଙ୍ଗରାଜ ସେଲ ପେଟ୍ରୋଲ ପମ୍ପରେ ଅକ୍ସିଜେନ ବ୍ୟବସ୍ଥା କରାଯାଇଛି।

**ଧରିତ୍ରୀ ପ୍ରଭାବ**

ଅନୁଗୋଳ ଜିଲା ପେଟ୍ରୋଲ ପମ୍ପ ମାଲିକ ସଂଘ ଓ ଜିଲା ପ୍ରଶାସନର ମିଳିତ ଉଦ୍ୟମରେ ଜିଲାର ପେଟ୍ରୋଲ ପମ୍ପଗୁଡ଼ିକରେ କରୋନା ରୋଗୀଙ୍କ ପାଇଁ ବିନା ମୂଲ୍ୟରେ ଅକ୍ସିଜେନ ଯୋଗାଣ ବ୍ୟବସ୍ଥା ଶନିବାରଠାରୁ ଆରମ୍ଭ କରାଯାଇଥିଲା। ହେଲେ ଏଥିରେ ପାଲଲହଡ଼ା ସଦରକୁ ଉପେକ୍ଷା କରାଯାଇଥିବା ନେଇ ଅସନ୍ତୋଷ ଦେଖାଦେଇଥିଲା। ଏ ସମ୍ପର୍କରେ ରବିବାର 'ଧରିତ୍ରୀ'ରେ ଖବର ପ୍ରକାଶ ପାଇବା ପରେ ଜିଲା ପେଟ୍ରୋଲ ପମ୍ପ ମାଲିକ ସଂଘ ପକ୍ଷରୁ ପାଲଲହଡ଼ା ସଦରରେ ଥିବା ଏକ ପେଟ୍ରୋଲ ପମ୍ପରେ ଅକ୍ସିଜେନ ଯୋଗାଣ ବ୍ୟବସ୍ଥା କରାଯାଇଛି।

ପ୍ରକାଶ ଯେ, ଜିଲା ପେଟ୍ରୋଲ ପମ୍ପ ମାଲିକ ସଂଘ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ଜିଲାର ବିଭିନ୍ନ ଅଞ୍ଚଳରେ ଥିବା ୨୭ଟି ପେଟ୍ରୋଲ ପମ୍ପରେ ୫୦ଟି ଅକ୍ସିଜେନ ସିଲିଣ୍ଡର ଏବଂ ୪ଟି କନସେନଟ୍ରେଟର କୋଭିଡ ରୋଗୀଙ୍କ ପାଇଁ ନିଃଶୁଳ୍କ ଭାବେ ଉପଲବ୍ଧ କରାଯାଇଥିଲା। ଜିଲା ପ୍ରଶାସନ ପକ୍ଷରୁ ସୋସିଆଲ ମିଡିଆରେ ଏ ସମ୍ପର୍କିତ ତଥ୍ୟ ଦିଆଯାଇଥିଲା। କିନ୍ତୁ ପାଲଲହଡ଼ା ଉପଖଣ୍ଡରେ ୯ଟି ପେଟ୍ରୋଲ ପମ୍ପ ଥିଲେ ମଧ ଖମାର ଅଞ୍ଚଳର ଏକମାତ୍ର ସୌମ୍ୟପ୍ରକାଶ ପେଟ୍ରୋଲ ପମ୍ପରେ ଏହି ବ୍ୟବସ୍ଥା ଉପଲବ୍ଧ କରାଯାଇଥିବାରୁ ଏହାକୁ ନେଇ ପାଲଲହଡ଼ା ସଦରବାସୀଙ୍କ ମଧରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ତେବେ ରବିବାର ଏହି ବ୍ୟବସ୍ଥାରେ ପାଲଲହଡ଼ା ସଦରରେ ଥିବା ଏକ ପେଟ୍ରୋଲ ପମ୍ପକୁ ସାମିଲ କରାଯାଇଛି। ପାଲଲହଡ଼ା ଦେଇ ଯାଇଥିବା ଜାତୀୟ ରାଜପଥ ପାର୍ଶ୍ୱ ମଙ୍ଗରାଜ ସେଲ ପେଟ୍ରୋଲ ପମ୍ପରେ ଅକ୍ସିଜେନ ବ୍ୟବସ୍ଥା କରାଯାଇଥିବା ପେଟ୍ରୋଲ ପମ୍ପ ମାଲିକ ଆଶିଷ କୁମାର ସାମଲ 'ଧରିତ୍ରୀ'କୁ ସୂଚନା ଦେଇଛନ୍ତି। ସେ କହିଛନ୍ତି, ସଂଘ ଜିଲା ସଭାପତି ବିଶ୍ୱଜିତ ପଟ୍ଟନାୟକଙ୍କ ସହ ଆଲୋଚନା ପରେ ମଙ୍ଗରାଜ ସେଲ ପେଟ୍ରୋଲ ପମ୍ପରେ କୋଭିଡ ରୋଗୀଙ୍କୁ ବିନା ମୂଲ୍ୟରେ ଅକ୍ସିଜେନ ଯୋଗାଇ ଦିଆଯିବ। ସେହିପରି ଖୁବ୍‌ଶୀଘ୍ର ପାଲଲହଡାର ଅନ୍ୟ ପେଟ୍ରୋଲ ପମ୍ପରେ ଏହି ସୁବିଧା ଉପଲବ୍ଧ ହେବ ବୋଲି ଜିଲା ସଭାପତି ବିଶ୍ୱଜିତ ପଟ୍ଟନାୟକ ସୂଚନା ଦେଇଛନ୍ତି।

